# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 July - 2024**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ସ୍ଥାନୀୟ ସଂସ୍କୃତିକୁ ନେଇ ଗର୍ବ ଅନୁଭବ କଲେ ଦେଶ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମରେ କହିଲେ ପ୍ରଧାନମନ୍ତ୍ରୀ

- ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚଳିତ ବଜେଟ୍‌ରେ ସବୁ ବର୍ଗଙ୍କୁ ଗୁରୁତ୍ୱ ଦିଆଯାଇଛି; କହିଲେ, କେନ୍ଦ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ

- ହୀରାକୁଦ ଜଳଭଣ୍ଡାରରୁ ମହାନଦୀକୁ ଛଡାଗଲା ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

ଏବଂ

- ଯକୃତ ରୋଗ ବିଷୟରେ ଲୋକଙ୍କୁ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହେପାଟାଇଟିସ୍ ଦିବସ

# ମନ୍ କି ବାତ୍

ସ୍ଥାନୀୟ ସଂସ୍କୃତିକୁ ନେଇ  ଗର୍ବ ଅନୁଭବ କଲେ ଦେଶ ପ୍ରଗତି ପଥରେ ଅଗ୍ରସର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ୧୧୨ତମ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଆସାମର 'ଚରାଇଦେଓ ମାଇଦମ' ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳୀରେ ସ୍ଥାନ ପାଇଥିବାରୁ ଦେଶ ଗର୍ବିତ। ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନ ପାଇବାରେ ଏହା ହେଉଛି ଭାରତର ୪୩ତମ ତଥା ଉତ୍ତରପୂର୍ବାଞ୍ଚଳର ପ୍ରଥମ ସାଂସ୍କୃତିକ ସ୍ଥଳ ।  କଳା ଏବଂ ସଂସ୍କୃତି ପ୍ରେମୀ ବ୍ୟକ୍ତିବିଶେଷ ସାର୍ବଜନୀନ କଳା ଉପରେ ଅଧିକ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ହସ୍ତଶିଳ୍ପ ସାମଗ୍ରୀ ସମ୍ପର୍କରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ ହରିୟାଣାର ରୋହତକ ଜିଲ୍ଲାର ଉନ୍ନତ ସ୍ୱୟଂସହାୟକ ଗୋଷ୍ଠୀର କାର୍ଯ୍ୟକଳାପକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଆସନ୍ତା ମାସ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବ। ହସ୍ତତନ୍ତକୁ ଉଜ୍ଜୀବିତ ରଖିବା ପାଇଁ ପ୍ରୟାସ କରି ଆସୁଥିବା କାରିଗରଙ୍କୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ଏହି ଅବସରରେ ଓଡ଼ିଶାର ସମ୍ବଲପୁରୀ ଶାଢ଼ୀ, ମଧ୍ୟପ୍ରଦେଶର ମାହେଶ୍ୱରୀ ଶାଢ଼ୀ, ମହାରାଷ୍ଟ୍ରର ପଇଥାନୀ, ବିଦର୍ଭର ହ୍ୟାଣ୍ଡବୁକ୍ ପ୍ରିଣ୍ଟ, ହିମାଚଳର ଭୁଟିକୋଶାଲ ଏବଂ ଜାମ୍ମୁକାଶ୍ମୀରର କାନୀଶାଲର ଉଦାହରଣ

ଦେଇଥିଲେ । ସ୍ଥାନୀୟ ଉତ୍ପାଦକୁ ସାମାଜିକ ଗଣମାଧ୍ୟମରେ ହାସ୍‌ଟ୍ୟାଗ୍ 'ମାଇଁ ପ୍ରଡକ୍ଟ ମାଇଁ ପ୍ରାଇଡ୍' ସହ ଅପଲୋଡ କରିବାକୁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି । ଖଦି ଉତ୍ପାଦ ୪ଶହ ପ୍ରତିଶତ ବୃଦ୍ଧି ପାଇ ଦେଢ଼ଲକ୍ଷ କୋଟି ଟଙ୍କା ବ୍ୟବସାୟ କରିବା ଏକ ବିଶେଷ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏ କ୍ଷେତ୍ରରେ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ସେ କହିଛନ୍ତି ।

ଅଲମ୍ପିକ୍ସ କ୍ରୀଡ଼ା ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଲୋକମାନଙ୍କୁ ଆହ୍ୱାନ ଦେଇଛନ୍ତି । ନିକଟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଗଣିତ ଅଲମ୍ପିଆଡ୍‌ରେ ଭାରତୀୟ ଛାତ୍ରଛାତ୍ରୀଙ୍କର ଉଲ୍ଲେଖନୀୟ ପ୍ରଦର୍ଶନକୁ ଶ୍ରୀ ମୋଦୀ ଉଚ୍ଚ ପ୍ରଶଂସା କରିଛନ୍ତି । ନିଶା ସେବନ ବିରୁଦ୍ଧରେ ଜନମତ ସୃଷ୍ଟି ପାଇଁ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ଉପଲକ୍ଷେ 'ମାନସ' ନାମରେ ଏକ ହେଲ୍‌ପଲାଇନ୍ ପୋର୍ଟାଲର ଶୁଭାରମ୍ଭ କରାଯାଇଛି ବୋଲି ସେ କହିଛନ୍ତି । ନିଶାମୁକ୍ତ ଭାରତ ଗଠନ ଦିଗରେ ଏହି ପୋର୍ଟାଲର ସୁଯୋଗ ନେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ଆସନ୍ତାକାଲି ଆନ୍ତର୍ଜାତିକ ବ୍ୟାଘ୍ର ଦିବସ ପାଳନ କରାଯିବ। ବାଘ ହେଉଛି ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ବାଘମାନଙ୍କର ସୁରକ୍ଷା' ପରିବେଶ ସନ୍ତୁଳନ ପାଇଁ ଅପରିହାର୍ଯ୍ୟ।

ଭାରତରେ ବାଘ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଉଛି ଏବଂ ବିଶ୍ୱର ୭୦ ପ୍ରତିଶତ ବାଘ ଭାରତରେ ଅଛନ୍ତି ବୋଲି ପ୍ରଧାନମନ୍ତ୍ରୀ ସୂଚନା ଦେଇଛନ୍ତି । ବାଘସଂଖ୍ୟା ବୃଦ୍ଧି ସହ ବନାଞ୍ଚଳ ପରିସର ବ୍ୟାପକ କରିବା ଲକ୍ଷ୍ୟରେ 'ଏକ୍ ପେଡ୍ ମାଁ କେ ନାମ୍' ଅଭିଯାନରେ ସମସ୍ତେ ସାମିଲ ହେବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ନିକଟରେ ଏହି ଅଭିଯାନ ଅଧୀନରେ ଇନ୍ଦୋରରେ ଗୋଟିଏ ଦିନରେ ୨ଲକ୍ଷରୁ ଅଧିକ ଚାରାରୋପଣ ଏକ ସଫଳ ପ୍ରୟାସ ବୋଲି ପ୍ରଧାନମନ୍ତ୍ରୀ  ତାଙ୍କ ସମ୍ବୋଧନରେ କହିଛନ୍ତି ।

ସ୍ୱାଧୀନତା ଦିବସ ପାଳନ ଅବସରରେ ହରଘର ତ୍ରିରଙ୍ଗା ଅଭିଯାନକୁ ବ୍ୟାପକ କରିବା ନେଇ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ଟେଲିଭିଜନ ଏବଂ ରେଡିଓ ମାଧ୍ୟମରେ ଜନସାଧାରଣ  ଶୁଣିଛନ୍ତି । ପୁରୀ ରେଲ୍ୱେଷ୍ଟେସନଠାରେ ଆଜି ହୋଇଥିବା ସ୍ୱତନ୍ତ୍ର ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ସ୍ଥାନୀୟ ଲୋକମାନେ ଉତ୍ସାହର ସହ ଶୁଣିଥିଲେ ।

## ରାଷ୍ଟ୍ରମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସକାଳେ ସମ୍ବଲପୁରରେ ମା' ସମଲେଇଙ୍କ ଦର୍ଶନ କରିବା ପରେ ହୀରାକୁଦ ବନ୍ଧ ବୁଲି ଦେଖିଛନ୍ତି । ସମ୍ବଲପୁରଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ  କରି ମନ୍ତ୍ରୀ ଶ୍ରୀ ଦୁବେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ୨୦୪୭ ମସିହା ସୁଦ୍ଧା ଭାରତକୁ

ଏକ ବିକଶିତ  ରାଷ୍ଟ୍ରରେ ପରିଣତ କରିବା ପାଇଁ ଚଳିତ ବଜେଟ୍‌ରେ ସବୁ ବର୍ଗକୁ ଗୁରୁତ୍ୱ ଦିଆଯାଇଛି। ଝାଡଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ସାମିଲ କରି ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ଯୋଜନା ତିଆରି କରାଯାଇଛି। ଓଡ଼ିଶାର ଦର୍ଶନୀୟ ସ୍ଥାନ, ମନ୍ଦିର, ସ୍ମାରକୀ ତଥା ଶିଳ୍ପ ପାଇଁ ବଜେଟ୍‌ରେ ଗୁରୁତ୍ୱ ଦିଆଯାଇଛି ବୋଲି  ମନ୍ତ୍ରୀ ଶ୍ରୀ ଦୁବେ କହିଛନ୍ତି। ଚଳିତ ଆର୍ଥିକବର୍ଷରେ ଓଡ଼ିଶାକୁ ୧ ଲକ୍ଷ ୨୫ ହଜାର ୪୪୪ କୋଟି ଟଙ୍କା କେନ୍ଦ୍ର ସରକାର ବଜେଟ୍‌ରେ ପ୍ରାବଧାନ କରିଛନ୍ତି। ସମ୍ବଲପୁର, ଭୁବନେଶ୍ୱର, ବ୍ରହ୍ମପୁର ଅଞ୍ଚଳରେ କୃଷି ଉତ୍ପାଦ କ୍ଲଷ୍ଟର ପାଇଁ ବଜେଟ୍‌ରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସେହିପରି କୌଶଳ ବିକାଶ ପାଇଁ ୧୩୫ କୋଟି ୩୪ ଲକ୍ଷ ଟଙ୍କା ଦିଆଯାଇଛି। ସେହିଭଳି ରାଜ୍ୟରେ ଶିକ୍ଷାର ଉନ୍ନତି ପାଇଁ କେନ୍ଦ୍ର ସରକାର ବିଗତ ଦୁଇଟି ଆର୍ଥିକବର୍ଷରେ ୪ ହଜାର ୩୧୧ କୋଟି ଟଙ୍କା ଦେଇଛନ୍ତି।

ମନ୍‌ରେଗା ବାବଦରେ ରାଜ୍ୟକୁ ୯ ହଜାର ୪୧୩ କୋଟି ଟଙ୍କା ଦିଆଯାଇଛି ବୋଲି ଶ୍ରୀ ଦୁବେ କହିଛନ୍ତି।

ଅନ୍ୟପକ୍ଷରେ, କୋଇଲା ରୟାଲିଟି ବଢ଼ାଇବା ଉପରେ କେନ୍ଦ୍ରର ନୀତିଗତ ନିଷ୍ପତ୍ତିର ଆବଶ୍ୟକତା ରହିଛି।

ସମ୍ବଲପୁର ଗସ୍ତ ସମୟରେ ଶ୍ରୀ ଦୁବେ ସହରର ନେଲସନ୍ ମଣ୍ଡେଲା ଛକ ପାଖରେ ଥିବା ସତ୍ୟନାରାୟଣ ବହିଦାର ପାର୍କଠାରେ ଗୁରୁ ସତ୍ୟନାରାୟଣ ବହିଦାରଙ୍କ ପ୍ରତିମୂର୍ତ୍ତିକୁ  ଉନ୍ମୋଚନ କରିଥିଲେ। ଶ୍ରୀ ଦୁବେଙ୍କର ପ୍ରଥମ ଦିନର

ଓଡ଼ିଶା ଗସ୍ତ ସମୟରେ ଗତକାଲି ନାଲକୋ ପରିଦର୍ଶନ କରିବା ସହିତ ଶ୍ରମିକ ସଂଗଠନର ନେତୃବୃନ୍ଦଙ୍କ ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ହୀରାକୁଦ ଗେଟ୍ ଖୋଲିଲା

ହୀରାକୁଦ ଜଳଭଣ୍ଡାରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ପୂଜାର୍ଚ୍ଚନା ପରେ ମହାନଦୀକୁ ଆଜି ସକାଳ ୯ଟାରେ ନିଷ୍କାସନ ପ୍ରକ୍ରିୟା ଆରମ୍ଭ ହୋଇଛି। ବାମ ପାର୍ଶ୍ୱର ୧୪ଟି ଓ ଡାହାଣ ପାଖର ୬ଟି ଗେଟ୍ ଦେଇ ବନ୍ୟାଜଳ ମହାନଦୀ ଏବଂ ଶାଖା କେନାଲଗୁଡ଼ିକୁ ଛଡାଯାଉଛି। ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ନଦୀବନ୍ଧରୁ ବନ୍ୟାଜଳ ଛଡାଯିବା ଏକ ଅଭୂତପୂର୍ବ ଦୃଶ୍ୟ। ହୀରାକୁଦ ଜଳଭଣ୍ଡାରର ମୁଖ୍ୟ ଯନ୍ତ୍ରୀ ସୁଶୀଲ ବେହେରା କହିଛନ୍ତି, ବନ୍ୟାଜଳ କଟକ ନିକଟସ୍ଥ ମୁଣ୍ଡଳି ନିକଟରେ ପହଞ୍ଚିବା ପାଇଁ ୪୮ ଘଣ୍ଟା ସମୟ ଲାଗିବ।

ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୧୭.୭୫ ଫୁଟ ଥିଲା। ଜଳଭଣ୍ଡାରକୁ ପ୍ରତିସେକେଣ୍ଡରେ ୨ ଲକ୍ଷ ୫୬ ହଜାର ୧୦୧ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ୨ ଲକ୍ଷ ୫୨ ହଜାର ୮୦୦ କ୍ୟୁସେକ୍ ଜଳ ମହାନଦୀକୁ ଛଡାଯାଉଛି।

## ରାଜ୍ୟରେ ବନ୍ୟା ପରିସ୍ଥିତି ନାହିଁ

ରାଜ୍ୟରେ ବର୍ତ୍ତମାନ ବନ୍ୟା ପରିସ୍ଥିତି ଉପୁଜି ନାହିଁ ବୋଲି ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର କହିଛନ୍ତି। ମହାନଦୀରେ ପ୍ରବାହିତ ହେଉଥିବା ବନ୍ୟାଜଳ

ଆସନ୍ତା ୩୦ ତାରିଖ ସୁଦ୍ଧା ଖଇରମାଳ ଓ ମୁଣ୍ଡଳିଠାରେ ସାଢ଼େ ୪ ଲକ୍ଷ କ୍ୟୁସେକ୍ ପାଣି ପ୍ରବେଶ କରିବ। ଏଥିପାଇଁ ୯ଟି ଜିଲ୍ଲା- ସମ୍ବଲପୁର, ସୁବର୍ଣ୍ଣପୁର, ବୌଦ୍ଧ, ନୟାଗଡ଼, ଅନୁଗୁଳ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ପୁରୀକୁ ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ତରଫରୁ ସତର୍କ ସୂଚନା ଜାରି କରାଯାଇଛି।

## ଶିକ୍ଷା ସପ୍ତାହ

ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଶିକ୍ଷା ସପ୍ତାହ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡକ୍ଟର ସନ୍ତୋଷ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଂଜନ ପାଣ୍ଡେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷଣ ସାମଗ୍ରୀର ଉପାଦେୟତା ସମ୍ପର୍କରେ ତଥ୍ୟ ରଖିଥିଲେ। ଜିଲ୍ଲାର ୯ଟି ବ୍ଲକ୍‌ର ଶିକ୍ଷା ଅଧିକାରୀମାନଙ୍କ ସମେତ ଛାତ୍ରଛାତ୍ରୀ ଏବଂ ଭିନ୍ନ ଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏଥିପାଇଁ ପ୍ରାଥମିକ ଯାଂଚ ପ୍ରକ୍ରିୟା ଶେଷ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ରତ୍ନଭଣ୍ଡାର ମରାମତି ନେଇ ପ୍ରସ୍ତୁତ ମାର୍ଗଦର୍ଶିକାରେ ଆବଶ୍ୟକ ସଂଶୋଧନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି।

# ହେପାଟାଇଟ୍ସ ଦିବସ

ଯକୃତ ବା ଲିଭର୍ ରୋଗ ବିଷୟରେ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜି ବିଶ୍ୱ ହେପାଟାଇଟ୍ସ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ ଏହି ଦିବସ ପାଳନ ହୋଇଆସୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ, ପୃଥିବୀରେ ପ୍ରତି ୩୦ ସେକେଣ୍ଡ୍‌ରେ ଜଣେ ହେପାଟାଇଟସ୍ ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ଭାରତରେ ପ୍ରତ୍ୟେକ ବର୍ଷ ଯକୃତ ରୋଗରେ ୧୪ ଲକ୍ଷରୁ ଅଧିକ ଲୋକଙ୍କର ପ୍ରାଣହାନୀ ଘଟୁଛି । ଚଳିତବର୍ଷ ହେପାଟାଇଟ୍ସ ଦିବସର ବାର୍ତ୍ତା ହେଉଛି " ଏବେ କାର୍ଯ୍ୟ କରିବାର ସମୟ ଆସିଛି" । ଜଣେ ନବଜାତ ଶିଶୁକୁ ଜନ୍ମ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ହେପାଟାଇଟ୍ସ ପ୍ରତିଷେଧକ ଟିକା ଦିଆଯିବା ନିତାନ୍ତ ଜରୁରୀ । ଏହି ଟିକା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ହୋଇପାରୁଛି ।

ସେହିପରି ଆଜି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ । ପ୍ରାକୃତିକ ପରିବେଶର ସୁରକ୍ଷା ସହିତ ପ୍ରାଣୀମାନଙ୍କର ସଂରକ୍ଷଣ ଲାଗି ଆଜି ଏହି ଦିବସ ପାଳନ କରାଯାଉଛି । ଭବିଷ୍ୟତ ପିଢିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗିରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ରାଜ୍ୟର ଆଭ୍ୟନ୍ତରୀଣ ଏବଂ ଉପକୂଳ ଜିଲ୍ଲାଗୁଡିକରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଯାଜପୁର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ବରଗଡ଼, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।

*******************************